# ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ, କଳାହାଣ୍ଡି

ପତ୍ର ସଂଖ୍ୟା ....977..../ଡିସିଓ                    ତାରିଖ ....25.12.2025..../

## ସୂଚନା

ଏତଦ୍ବାରା ସମସ୍ତ ଜନ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି **'୨୮ତମ କଳାହାଣ୍ଡି ଉତ୍ସବ ଘୁମୁରା'-୨୦୨୬** ଆସନ୍ତା ଜାନୁୟାରୀ ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ ୪ (ଚାରି) ଦିନଧରି ସ୍ଥାନୀୟ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ଭବାନୀପାଟଣା ଠାରେ ଅନୁଷ୍ଠିତ ହେବ । ଏହି ଲୋକ ମହୋତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତିତ କଳାହାଣ୍ଡି ଜିଲ୍ଲା ର ବିଭିନ୍ନ କଳା, ସଂସ୍କୃତି, ପରମ୍ପରା ଖାଦ୍ୟ ଇତ୍ୟାଦିର ପ୍ରଦର୍ଶନି କରାଯିବା ସହିତ ବିଭିନ୍ନ ବ୍ୟବସାୟୀକ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କର ପ୍ରଦର୍ଶନି କାର୍ଯ୍ୟକ୍ରମ କରି ଜନସାଧାରଣଙ୍କ ମଧ୍ୟରେ ଉତ୍ସାହିତ ସୃଷ୍ଟି କରିବା ନିମନ୍ତେ ସ୍ଥିର କରାଯାଇ ଅଛି । ଏଥିନିମନ୍ତେ ୫୦ ଟି ଖାଦ୍ୟ ପଦାର୍ଥ ଷ୍ଟଲ ଏବଂ ୧୨୦ ଟି ଅନ୍ୟାନ୍ୟ ବ୍ୟବସାୟୀକ, ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କ ପାଇଁ (ସର୍ବମୋଟ୧୭୦) ପ୍ରଦର୍ଶନୀ ଷ୍ଟଲ ସ୍ଥାପନ କରାଯିବ । ତେଣୁ ଆସନ୍ତା ୨୯.୧୨.୨୦୨୫ ତାରିଖ ଠାରୁ ସମୟ ସକାଳ ୧୦.୦୦ ଘ. ଟା ରୁ ସନ୍ଧ୍ୟା ୫.୩୦ ମି. ଟା ମଧ୍ୟରେ ଷ୍ଟଲ ଗୁଡିକର ଆରକ୍ଷଣ ପ୍ରକ୍ରିୟା ଆରମ୍ଭ ହୋଇ ଶେଷ ହେବା ପର୍ଯ୍ୟନ୍ତ ଜାରି ରହିବ । ଇଚ୍ଛୁକ ଥିବା ବାଣିଜ୍ୟିକ ଅନୁଷ୍ଠାନ, ଶିକ୍ଷ୍ୟା ଅନୁଷ୍ଠାନ, ସରକାରୀ / ବେସରକାରୀ ଅନୁଷ୍ଠାନ, ଏନ.ଜି.ଓ, ଓ ଜନସାଧାରଣ ଉପ-ଜିଲ୍ଲାପାଳ, ଭାବନିପାଟଣାଙ୍କ କାର୍ଯ୍ୟାଳୟରେ ନିମ୍ନମତେ ନିର୍ଧାରିତ ଶୁଳ୍କ ପଇଠି କରି ଷ୍ଟଲ ଗୁଡିକ ନିଜ ନାମରେ ଆରକ୍ଷଣ କରିନେବେ । ଷ୍ଟଲଗୁଡିକର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଯିବ ।

| ଷ୍ଟଲ ର ବିବରଣୀ | ଷ୍ଟଲର ପ୍ରକାର | ଷ୍ଟଲର ମୂଲ୍ୟ | ଟିପ୍ପଣୀ |
|---|---|---|---|
| 10' X 10', temporary water proof, Iron table with 2.5' X 5' X 2.5', White cotton cloth fencing in three sides, plastic chair 2 nos. Front screen | ଖାଦ୍ୟ ବିକ୍ରୟ ପାଇଁ | ଟ. ୧୧,୦୦୦/-<br>(ଏଗାର ହଜାର ମାତ୍ର) | |
| 10' X 10', temporary water proof, Iron table with 2.5' X 5' X 2.5', White cotton cloth fencing in three sides, plastic chair 2 nos. Front screen | ବ୍ୟବସାୟ ଓ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କ ପାଇଁ | ଟ. ୮,୦୦୦/-<br>(ଆଠ ହଜାର ମାତ୍ର) | |

ଜିଲ୍ଲା ସଂସ୍କୃତି ଅଧିକାରୀ,
କଳାହାଣ୍ଡି

ପରିପତ୍ର ସଂଖ୍ୟା ....978..../ଡିସିଓ                    ତାରିଖ ....25.12.2025..../

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ଭବାନୀପାଟଣାଙ୍କୁ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସଂସ୍କୃତି ଅଧିକାରୀ,
କଳାହାଣ୍ଡି